ସମ୍ବାଦ

# ଜଳବିଭାଜିକା ଦେଲା ଉନ୍ନତ ଜୀବନଜୀବିକା

ଲେଫ୍ରିପଡ଼ା,୬।୧୨(ଇମିସ): ଆନ୍ତର୍ଜାତିକ ଆଲୋଚନାଚକ୍ର 'କମ୍ୟୁନିଟି କନଫରେନ୍ସ ଅଫ କମନ୍ସ'ର ତୃତୀୟ ଦିବସରେ ଆଜି ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ସାହେବଡେରା 'ତ୍ରିବେଣୀ ଜଳ ବିଭାଜିକା'ର ସୁପରିଚାଳନାର ସଫଳ କାହାଣୀର ଉପସ୍ଥାପନା କରାଯାଇଥିଲା। ସାମୂହିକ ସମ୍ପତ୍ତି ପରିଚାଳନା ଏବଂ ଜୀବନଜୀବିକାର ମାନକୁ ଜଳବିଭାଜିକାର ସୁପରିଚାଳନା ମାଧ୍ୟମରେ ଗ୍ରାମବାସୀ କିପରି ଉନ୍ନତ କରିପାରିଛନ୍ତି ତାହା ପ୍ରଦର୍ଶିତ ହୋଇଥିଲା। ଆଲୋଚନାଚକ୍ରରେ ସେବକ ରଙ୍ଗିଆମୁଣ୍ଡାର କର୍ମକର୍ତ୍ତାଙ୍କ ସହିତ ସାହେବଡେରା ଗାଁର ୨୦ ଜଣ ମହିଳା ଏବଂ ପୁରୁଷ ଯୋଗଦେଇ ନିଜ ଅନୁଭୂତି କହିଥିଲେ। ତ୍ରିବେଣୀ ଜଳ ଭବିଭାଜିକା, ସାହେବଡେରା ତରଫରୁ ମୁକ୍ତେଶ୍ୱର ବୁଡା ଓ ପାଉଲିନା ଲାକ୍ରା ଉପସ୍ଥାପନା କରିଥିଲେ। ପାୱାର୍‌ପଏଣ୍ଟରେ ଗାଁର ସମସ୍ୟା, ସମସ୍ୟାର ସମାଧାନ ପାଇଁ ସାମୂହିକ ପଦକ୍ଷେପ, ମହିଳା ସଶକ୍ତୀକରଣ ପାଇଁ ଯୋଜନା, ସାମୂହିକ ସହଭାଗିତା ଦ୍ୱାରା ଆସିଥିବା ପରିବର୍ତ୍ତନ ଏବଂ ବର୍ତ୍ତମାନ ଗାଁର ଉନ୍ନତ ସ୍ଥିତି ଉପରେ ଆଲୋକପାତ କରିଥିଲେ। ଗତ ୨୦୧୪-୧୫ ଆର୍ଥିକ ବର୍ଷରୁ ନାବାର୍ଡ ସହାୟତାରେ ଏହି ଜଳବିଭିଜକା ପ୍ରକଳ୍ପ ଆରମ୍ଭ ହୋଇଥିଲା। ୮୪୮.୩୮ ହେକ୍ଟର ଜମିରେ ଜମି ମରାମତି, ହିଡ ମରାମତି, ପଥର ବନ୍ଧ ନିର୍ମାଣ, ଉପରୁ ବୋହି ଆସୁଥିବା ନାଳ ମାନଙ୍କର ଉପଯୁକ୍ତ ଉପଚାର, ପୋଖରୀ ଖନନ, ଆଡ଼ିବନ୍ଧ ତିଆରିକରି ବର୍ଷା ଜଳ ସଂରକ୍ଷଣ ଆଦି ବିଭିନ୍ନ ପ୍ରକାର କାର୍ଯ୍ୟ କରାଯିବା ସଙ୍ଗେ ସଙ୍ଗେ ଶ୍ରମଦାନ ମାଧ୍ୟମରେ ମହିଳା ଓ ପୁରୁଷମାନେ ଦୀର୍ଘ ୪ ଦିନ ନିରନ୍ତର କାମକରି ପ୍ରଶଂସାର ପାତ୍ର ହୋଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଜଳ ବିଭାଜିକା ଯନ୍ତ୍ରୀ ଅଭିଷେକ ତନ୍ତୀ, ଜିଲ୍ଲା ସଂଯୋଜିକା ସୁଶ୍ରୀ ବର୍ଷା ସାହୁ ପରିଚାଳନା କରିଥିଲେ। ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ରଞ୍ଜିତ କୁଜୁର, ମଧୁସୂଦନ ମାଝୀ, ଦୋଳମଣି ଅମାତ, କମଳା ଲକ୍ରା, ତେଜ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ।

